# URANIUM TALENT SEARCH EXAMINATION(UTSE) - 2018

## ୟୁରାନିୟମ୍ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା - 2018

Declaration of results in the internet(**www.theuranium.org**) : 10.03.2018

(ପ୍ରତ୍ୟେକ ସଠିକ୍ ଉତ୍ତର ପାଇଁ ୪ ନମ୍ବର ମିଳିବ ଏବଂ ପ୍ରତ୍ୟେକ ଭୁଲ୍ ଉତ୍ତର ପାଇଁ ୧ ନମ୍ବର କଟାଯିବ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୪ଟି ମନୋନୟନ ରହିଛି, ତନ୍ମଧ୍ୟରୁ ୧ଟି ଠିକ୍ । ପ୍ରତ୍ୟେକ ମନୋନୟନ ପାଇଁ ବୃତ୍ତାକାର ସ୍ଥାନ ରହିଛି । ସଠିକ୍ ଉତ୍ତର ସ୍ଥାନକୁ ଏଚ.ବି ପେନସିଲ୍ ସାହାଯ୍ୟରେ ଭଲଭାବରେ କଳା କର । ଉତ୍ତର ପରିବର୍ତ୍ତନ କରିବାକୁ ହେଲେ, ପ୍ରଥମେ ରବର୍ ସାହାଯ୍ୟରେ ଭୁଲ୍ ଉତ୍ତରକୁ ଭଲରୂପେ ଲିଭାଇଦିଅ, ତାପରେ ସଠିକ୍ ଉତ୍ତର ସ୍ଥାନକୁ ପୁଣି ଥରେ କଳା କର । ଠିକ୍ ଏବଂ ଭଲ ଭାବେ କଳା ନକଲେ ପରୀକ୍ଷା ଖାତାଟି କମ୍ପୁଟର୍ ଦ୍ୱାରା ନାକଚ ହୋଇଯିବ )

ପୂ.ସଂ: 240 | **୭ମ ଶ୍ରେଣୀ** | ସମୟ : 60 ମିନିଟ (2 - 3 ଘଟିକା)

1. ନିମ୍ନରେ ଦିଆଯାଇଥିବା କେଉଁଟିରେ ପରିଚଳନ ପଦ୍ଧତିରେ ତାପ ସଂଚରଣ ହୋଇନଥାଏ ?
   (a) ଘୂର୍ଣ୍ଣି ବାୟୁ (b) ସ୍ଥଳ ସମୀର (c) କ୍ଷୀରକୁ ଷ୍ଟୋଭରେ ଗରମ କଲେ
   (d) ଏକ ଗରମ ଚାହା କପ୍‌କୁ ବାହାରେ ରଖିଦେଲେ ତାହା ଆପେ ଥଣ୍ଡା ହୋଇଯାଏ
2. ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ରାତିରେ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ପବନ ପ୍ରବାହିତ ହୋଇଥାଏ ?
   (a) ସ୍ଥଳ ସମୀର : ସ୍ଥଳ ଭାଗରୁ ଥଣ୍ଡା ବାୟୁ ଜଳଭାଗକୁ ପ୍ରବାହିତ ହୋଇାଥାଏ
   (b) ସମୁଦ୍ର ସମୀର : ସ୍ଥଳ ଭାଗରୁ ଥଣ୍ଡା ବାୟୁ ଜଳଭାଗକୁ ପ୍ରବାହିତ ହୋଇାଥାଏ
   (c) ସ୍ଥଳ ସମୀର: ଜଳ ଭାଗରୁ ଥଣ୍ଡା ବାୟୁ ସ୍ଥଳଭାଗକୁ ପ୍ରବାହିତ ହୋଇାଥାଏ
   (d) ସମୁଦ୍ର ସମୀର: ଜଳ ଭାଗରୁ ଥଣ୍ଡା ବାୟୁ ସ୍ଥଳଭାଗକୁ ପ୍ରବାହିତ ହୋଇାଥାଏ
3. ତାପ ସଂଚରଣର ସମ୍ପର୍କରେ କେଉଁ ଉକ୍ତିଟି ସତ୍ୟ ?
   (a) ପରିଚଳନରେ ବସ୍ତୁର କଣିକା ତାଙ୍କର ମାଧ୍ୟ ସ୍ଥାନରେ ରହି ଅଧିକ ବେଗରେ କମ୍ପିତ ହୋଇଥାନ୍ତି
   (b) ପରିବହନରେ ବସ୍ତୁ ର କଣିକା ନିଜ ସ୍ଥାନ ପରିବର୍ତ୍ତନ କରିଥାନ୍ତି
   (c) ତାପ ବିକିରଣ ପ୍ରକ୍ରିୟାରେ କୌଣସି ମାଧ୍ୟମ ଆବଶ୍ୟକ ନଥାଏ (d) ଏ ସମସ୍ତ ସତ୍ୟ
4. ଏକ ସରଳରେଖାରେ ଗତି କରୁଥିବା ଗୋଟିଏ ବସ୍ତୁର ପରିବେଗ ପ୍ରତି <u>ସେକେଣ୍ଡରେ</u> 20 ମି/ସେ ବଢିଲେ, ତାହାର ଗତି କିଭଳି ହେବ ?
   (a) ସମପରିବେଗ (b) ଅସମ ପରିବେଗ (c) ସମତ୍ୱରଣ (d) ଉଭୟ b) ଓ c)
5. ଗୋଟିଏ ମଟର ଗାଡ଼ି 72 କି.ମି/ଘ ସମାନ ବେଗରେ ଏକ ସରଳରେଖାରେ ଗତି କରୁଛି । ତେବେ ତାହା 20 ତମ ମିନିଟରେ କେତେ ଦୂରତା ଅତିକ୍ରମ କରିବ ?
   (a) 1.2 କି. ମି (b) 24 କି. ମି (c) 1440 କି. ମି (d) 20 ମି
6. ଗୋଟିଏ ସରଳ ଦୋଳକର ଦୋଳନ ସମୟ କାହା ଉପରେ ନିର୍ଭର କରିଥାଏ ?
   (a) ବବ୍‌ଟିର ବସ୍ତୁତ୍ୱ (b) ଦୋଳକ ସୂତାର ଦୈର୍ଘ୍ୟ (c) ଦୋଳନର ଆୟାମ (d) ଏ ସମସ୍ତ
7. ବସ୍ତୁଟି ସମପରିବେଗରେ ଗତି କରୁଥିଲେ, ତାହାର ସମୟ-ଦୂରତା ଗ୍ରାଫଟି କିପରି ହେବ ? ସମୟକୁ x ଅକ୍ଷ ଏବଂ ଦୂରତାକୁ y ଅକ୍ଷ ନିଅ ।
   (a) ବକ୍ର ରେଖା ଏବଂ ମୂଳବିନ୍ଦୁ ମଧ୍ୟ ଦେଇ ଯାଇଥାଏ (b) ସରଳରେଖା ଏବଂ ମୂଳବିନ୍ଦୁ ମଧ୍ୟ ଦେଇ ଯାଇଥାଏ
   (c) ସରଳ ରେଖା ଯାହା ଉଭୟ x-ଏବଂ y-ଅକ୍ଷକୁ ଛେଦ କରିଥାଏ (d) ସରଳରେଖା ଏବଂ x- ଅକ୍ଷ ସହ ସମାନ୍ତର
8. ଗୋଟିଏ ମଟର କାରଟି ଏକ ସହରରୁ ବାହାରି ପ୍ରଥମ ଘଣ୍ଟାରେ 30 କି.ମି ଏବଂ ଦ୍ୱିତୀୟ ଘଣ୍ଟାରେ 42 କି.ମି ଗତି କରି ଅନ୍ୟ ଏକ ସହରରେ ପହଞ୍ଚିଲା । ତେବେ ସେହି ଦୁଇ ସହର ମଧ୍ୟରେ ସେ କାରଟିର ହାରାହାରି ବେଗ କେତେ ହେବ ?
   (a) 72 କି.ମି/ଘ (b) 36 ମି/ସେ. (c) 42 କି.ମି/ଘ (d) 10 ମି./ସେ
9. ବିଦ୍ୟୁତ ସ୍ରୋତ କେଉଁ ପ୍ରଭାବ ପକାଇ ଥାଏ ?
   (a) ତାପୀୟ (b) ଆଲୋକ (c) ଚୁମ୍ବକୀୟ (d) ଏହି ସମସ୍ତ
10. ଗୋଟିଏ ଟିଣ ପାତ୍ରରେ ଫୁଟନ୍ତା ପାଣି ରଖି ତାର ମୁହଁ ଠିପିରେ ବନ୍ଦ କରି ତାହା ଉପରେ ଥଣ୍ଡା ପାଣି ଢାଳିଲେ ଟିଣ ପାତ୍ରଟିରେ କଣ ଘଟିବ ? ଏହାର ସଠିକ କାରଣ କଣ ?
   (a) ଭିତର ଆଡ଼କୁ ଚାପି ହୋଇଯିବ; କାରଣ ଟିଣ ଭିତରେ ଥିବା ବାୟୁର ଚାପ ବାୟୁମଣ୍ଡଳୀୟ ଚାପ ଠାରୁ ବଢିଯାଏ
   (b) ବାହାର ଆଡ଼କୁ ସଂପ୍ରସାରିତ ହେବ କାରଣ ଟିଣ ଭିତରେ ଥିବା ଜଳୀୟ ବାଷ୍ପ ଘନୀଭୂତ ହୋଇ ତରଳ ଜଳରେ ପରିଣତ ହେବ ଫଳରେ ଭିତର ବାୟୁର ଚାପ ବାୟୁମଣ୍ଡଳୀୟ ଚାପ ଠାରୁ କମିଯିବ

**Rough Space**

(c) ଭିତର ଆଡ଼କୁ ଚାପି ହୋଇଯିବ କାରଣ ଟିଣ ଭିତରେ ଥିବା ଜଳୀୟ ବାଷ୍ପ ଘନୀଭୂତ ହୋଇ ତରଳ ଜଳରେ ପରିଣତ ହେବ ଫଳରେ ଭିତର ବାୟୁର ଚାପ ବାୟୁମଣ୍ଡଳୀୟ ଚାପ ଠାରୁ କମିଯିବ

(d) ବାହାର ଆଡ଼କୁ ସଂପ୍ରସାରିତ ହେବ କାରଣ ଟିଣ ଭିତରେ ଥିବା ବାୟୁର ଚାପ ବାୟୁମଣ୍ଡଳୀୟ ଚାପ ଠାରୁ ବଢ଼ିଯାଏ

11. ବାଦଲରେ ଥିବା ଜଳୀୟ ବାଷ୍ପ ଯେତେବେଳେ ଘନୀଭୂତ ହୋଇ ବର୍ଷା ହୋଇଥାଏ ତେବେ ତାହା ତାପ

(a) ଶୋଷଣ କରିଥାଏ (b) ଛାଡ଼ିଥାଏ

(c) ତାପ ଶୋଷଣ କିମ୍ବା ଉତ୍ପାଦନ କିଛି କରିନଥାଏ (d) କହିହେବ ନାହିଁ

12. ଦିଆଯାଇଥିବା ବିଦ୍ୟୁତ ପରିପଥ ସମ୍ପର୍କରେ କେଉଁଟି ଠିକ୍



(a) ପରିପଥ ମୁଦିତ (b) ପରିପଥ ମୁକ୍ତ (c) ବିଦ୍ୟୁତ ବତୀଟି ଜଳିବ

(d) କେଉଁଟି ନୁହେଁ

13. ବିଷୁବରେଖା ଅଞ୍ଚଳକୁ ଥଣ୍ଡା ବାୟୁ କେଉଁ ଅଞ୍ଚଳରୁ ଆସିଥାଏ ?

(a) $0 - 30^0$ ଅକ୍ଷାଂଶ ମଧ୍ୟରେ ଥିବା ଅଞ୍ଚଳରୁ (b) ଉତ୍ତର ମେରୁ ଅଞ୍ଚଳରୁ

(c) ଦକ୍ଷିଣ ମେରୁ ଅଞ୍ଚଳରୁ (d) ଏହି ସମସ୍ତ ଅଞ୍ଚଳରୁ

14. ସମତଳ ଦର୍ପଣରେ ସୃଷ୍ଟି ହେଉଥିବା ଗୋଟିଏ ବସ୍ତୁର ପ୍ରତିବିମ୍ବ ସମ୍ପର୍କ କେଉଁ ଉକ୍ତିଟି ଠିକ୍ ନୁହେଁ ?

(a) ଏହା ସଳଖ ଏବଂ ସମାନ ଉଚ୍ଚତା ବିଶିଷ୍ଟ (b) ଏହାର ପାର୍ଶ୍ୱ ପରିବର୍ତ୍ତନ ହୋଇଥାଏ

(c) ଏହାକୁ ପରଦାରେ ଧରି ହେବ (d) ଏହି ସମସ୍ତ ଠିକ୍

15. ଏକ ଅବତଳ ଦର୍ପଣରେ ସୃଷ୍ଟି ହେଉଥିବା ପ୍ରତିବିମ୍ବ ସମ୍ପର୍କରେ କେଉଁଟି ଭୁଲ ?

(a) ଏହା ବସ୍ତୁଠାରୁ ଛୋଟ ବା ବଡ଼ ହୋଇପାରେ (b) ଏହା ବାସ୍ତବ କିମ୍ବା ଆଭାସୀ ହୋଇପାରେ

(c) ଏହା ସର୍ବଦା ସଳଖ(ସିଧା) ହୋଇଥାଏ (d) ଏହା ସଳଖ କିମ୍ବା କିମ୍ବା ଓଲଟା ହୋଇପାରେ

16. ଜଳ କେତେ ତାପମାତ୍ରାରେ ଯଥାକ୍ରମେ କଠିନାବସ୍ଥା ଓ ଗ୍ୟସୀୟ ଅବସ୍ଥା ପ୍ରାପ୍ତ ହୋଇାଥାଏ ?

(a) $100^0C, 0^0C$ (b) $0^0C, 100^0C$ (c) $25^0C, 1000^0C$

(d) $<0^0C, > 100\ ^0C$

17. ତରଳ ପଦାର୍ଥର କେଉଁଗୁଣଟି ଗ୍ୟାସୀୟ ପଦାର୍ଥର ନଥାଏ ?।

(a) ନିର୍ଦ୍ଦିଷ୍ଟ ଆୟତନ (b) ନିର୍ଦ୍ଦିଷ୍ଟ ଆକାର (c) ଉଭୟ a) ଓ b) (d) ନିର୍ଦ୍ଦିଷ୍ଟ ବସ୍ତୁତ୍ୱ

18. ଅଧ ଘଣ୍ଟା ଭିତରେ ଗୋଟିଏ ମଟର ଗାଡ଼ିଟି କଟକର ଗୋଟିଏ ସ୍ଥାନରୁ ବାହାରି 15 ମି/ସେ. ହାରାହାରି ବେଗରେ ଭୁବନେଶ୍ୱରର ଏକ ସ୍ଥାନରେ ପହଞ୍ଚିଲା । ତେବେ ସେହି ଦୁଇଟି ସ୍ଥାନ ମଧ୍ୟରେ ଦୂରତା କେତେ ?

(a) 2.7 ମି (b) 108 ମି (c) 27 କି.ମି (d) 37 କି.ମି

19. ଖରା ଦିନରେ ରାଜସ୍ଥାନରେ କେଉଁ ମୌସୁମୀ ବାୟୁ ଦ୍ୱାରା ବର୍ଷା ହୋଇଥାଏ ?

(a) ଉତ୍ତର-ପୂର୍ବ (b) ଦକ୍ଷିଣ-ପଶ୍ଚିମ (c) ଦକ୍ଷିଣ-ପୂର୍ବ (d) ଉତ୍ତର-ପଶ୍ଚିମ

20. ବିଦ୍ୟୁତ ଫ୍ୟୁଜ୍‌ରେ ନିମ୍ନରୁ କେଉଁ ତାରଟି ବ୍ୟବହାର ହୋଇପାରିବ ?

(a) ନିକ୍ରୋମ୍ (b) ଷ୍ଟିଲ (c) ପ୍ଲାଟିନମ୍ (d) ଏ ସମସ୍ତ

21. ସମାନ ପରିମାଣର ଥଣ୍ଡା ପାଣି ଗୋଟିଏ କଳା ରଙ୍ଗର ପାତ୍ର ଓ ଆଉ ଏକ ଧଳା ରଙ୍ଗର ପାତ୍ରରେ ଖରାରେ ୫ ଘଣ୍ଟା ରଖ । ତାହା ପରେ ଦୁଇଟି ପାତ୍ରରେ ପାଣିର ତାପମାତ୍ରା ମାପ । ତାପମାତ୍ରା ସମ୍ପର୍କରେ କେଉଁଟି ଠିକ୍ ?

(a) କଳା ପାତ୍ରରେ ଅଧିକ (b) ଧଳା ପାତ୍ରରେ ଅଧିକ (c) ଦୁଇପାତ୍ରରେ ସମାନ (d) କହିହେବ ନାହିଁ

22. ଅମ୍ଳ ବର୍ଷା ସୃଷ୍ଟି କରାଇବାରେ ନିମ୍ନରୁ କେଉଁ ଉପାଦାନଟି ବ୍ୟବହୃତ ହୋଇଥାଏ ?

(a) ଅଙ୍ଗାରକାମ୍ଳ (b) ସଲଫର ଡ଼ାଇଅକସାଇଡ୍ (c) ନାଇଟ୍ରୋଜେନ ଡ଼ାଇଅକସାଇଡ୍ (d) ଏ ସମସ୍ତ

23. ସାବୁନ ପାଣି ଓ ଲୁଣ ପାଣି ଯଥାକ୍ରମେ ?

(a) କ୍ଷାରୀୟ, ପ୍ରଶମିତ (b) ଅମ୍ଳୀୟ, ପ୍ରଶମିତ (c) ଅମ୍ଳୀୟ, କ୍ଷାରୀୟ (d) କ୍ଷାରୀୟ, ଅମ୍ଳୀୟ

24. ତୁମେ ଭିନେଗାର ଦ୍ରବଣରେ କିଛି ଖାଇବା ସୋଡ଼ା ମିଶାଇଲ । ନିମ୍ନରୁ କେଉଁଟି ଘଟିବ ?

(a) ଏକ ରଙ୍ଗହୀନ ଗ୍ୟାସ ବାହାରିବ ଯାହକୁ ଚୂନପାଣିରେ ପ୍ରବେଶ କରାଇଲେ ଧଳାରଙ୍ଗର $Ca(HCO_3)_2$ ଅବେକ୍ଷେପ ସୃଷ୍ଟି ହେବ

(b) ଏକ ରଙ୍ଗହୀନ ଗ୍ୟାସ ସୃଷ୍ଟି ହେବ ଯାହା ଦହନର ସହାୟକ

(c) ଏଥିରେ ଏସିଟିକ୍ ଏସିଡ୍ ସହିତ ସୋଡ଼ିୟମ୍ ବାଇକାର୍ବୋନେଟ୍ ର ପ୍ରତିକ୍ରୟା ହେବ

(d) କିଛି ପ୍ରତିକ୍ରୟା ହେବ ନାହିଁ

---

**Rough Space**

25. ତାପ ପ୍ରୟୋଗ କଲେ ନିମ୍ନୋକ୍ତ କେଉଁଟିର ସିଧାସଳଖ କଠିନାବସ୍ଥାରୁ ଗ୍ୟାସୀୟ ଅବସ୍ଥାକୁ ଅନ୍ତଃ ରୂପାନ୍ତରଣ ହୋଇପାରିବେ ?

(a) ଆମୋନିୟମ୍ କ୍ଲୋରାଇଡ୍ (b) ଗନ୍ଧକର୍ପୂର (c) ଆୟୋଡ଼ିନ (d) ଏ ସମସ୍ତ

26. Mercury ବା ପାରଦ ର ପ୍ରତୀକ ହେଲା

(a) Mc (b) Mr (c) HG (d) Hg

27. ନିମ୍ନୋକ୍ତ କେଉଁ ପଦାର୍ଥରେ ମୌଳିକ N ନାହିଁ ?

(a) ଆମୋନିଆ (b) ନାଇଟ୍ରିକ ଏସିଡ୍ (c) ଯବକ୍ଷାରଜାନ (d) କସଟିକ୍ ସୋଡ଼ା

28. ଏ ମଧ୍ୟରୁ କେଉଁଟି ଭୌତିକ ପରିବର୍ତ୍ତନ ?

(a) ବରଫ ତରଳିବା (b) NaCl ଜଳରେ ଦ୍ରବଭିତ ହେବା

(c) ଗୋଟିଏ ଗ୍ୟାସ ଉପରେ ଚାପ ପୟୋଗ କରି ତାର ଆୟତନକୁ କମାଇବା (d) ଏ ସମସ୍ତ

29. ତେନ୍ତୁଳି ଓ ପାଳଙ୍ଗ ଶାଗରେ ଯଥାକ୍ରମେ କେଉଁ ରାସାୟନିକ ଥାଏ ?

(a) ଟାର୍‌ଟାରିକ ଏସିଡ୍, ଅକ୍‌ଜ୍‌ଲିକ୍ ଏସିଡ୍ (b) ଟାର୍‌ଟାରିକ ଏସିଡ୍, ଆସ୍‌କର୍‌ବିକ୍ ଏସିଡ୍

(c) ଅକ୍‌ଜ୍‌ଲିକ୍ ଏସିଡ୍, ଟାର୍‌ଟାରିକ ଏସିଡ୍ (d) ସାଇଟ୍ରକ୍ ଏସିଡ୍, ଅକ୍‌ଜ୍‌ଲିକ୍ ଏସିଡ

30. ଚୂନ ପାଣି ନିମ୍ନରୁ କେଉଁ ରାସାୟନିକ ଦ୍ରବଣ ସହିତ ପ୍ରତିକ୍ରିୟା କରିପାରିବ ?

(a) ଲବଣାମ୍ଳ (b) ସୋଡ଼ିୟମ୍ ହାଇଡ୍ରକସାଇଡ୍ (c) ଲୁଣ ପାଣି (d) ଏ ସମସ୍ତ

31. ସାବୁନ ପାଣିରେ ହଳଦି ଓ ମନ୍ଦାର ଫୁଲର ତିଆରି ସୂଚକ ପକାଇଲେ ଯଥାକ୍ରମେ କେଉଁ ରଙ୍ଗ ହୋଇଥାଏ ?

(a) ସବୁଜ, ଗାଢ ପାଟଳ (b) ହଳଦିଆ, ସବୁଜ (c) ହଳଦିଆ, ଗାଢ ପାଟଳ (d) ଲାଲ୍, ସବୁଜ

32. ନିମ୍ନରୁ କେଉଁ ଦ୍ରବଣ ନୀଳ ଲିଟସସ୍ ଦ୍ରବଣକୁ ଲାଲ କରିପାରିବ ?

(a) ଲୁଗାଧୂଆ ସୋଡ଼ା ଦ୍ରବଣ (b) ଲେମ୍ବୁ ରସ (c) ଖାଇବା ଲୁଣ ଦ୍ରବଣ (d) ଚିନି ପାଣି

33. ଏକ ଲାଲ ତମ୍ବା (କପର୍) ଫଏଲ୍‌କୁ ଆଇରନ ସଲଫେଟର ସବୁଜ ଦ୍ରବଣ ଭିତରେ କିଛି ଘଣ୍ଟା ବୁଡ଼ାଇ ରଖିଲେ, କି ପରିବର୍ତ୍ତନ ଘଟିଥାଏ ?

(a) ଭୌତିକ (b) ରାସାୟନିକ (c) ପ୍ରଥମେ ଭୌତିକ ଓ ପରେ ରାସାୟନିକ

(d) ପ୍ରତିକ୍ରିୟା ହେବ ନାହିଁ

34. ଉଦ୍‌ଜାନ ଗ୍ୟାସତ ସହିତ ଯବକ୍ଷାରଜାନ ଗ୍ୟାସ୍ ପ୍ରତିକ୍ରିୟା କଲେ ଆମୋନିଆ ପ୍ରସ୍ତୁତ ହୋଇଥାଏ । ଏହି ପ୍ରତିକ୍ରିୟା ନିମନ୍ତେ ନିମୋକ୍ତ କେଉଁ ରାସାୟନିକ ସମୀକରଣ ଟି ଠିକ୍ ?

(a) $2N + 6H \rightarrow 2NH_3$ (b) $N_2 + 3H_2 \rightarrow 2NH_3$ (c) $2N + 3H_2 \rightarrow 2NH_3$ (d) a,b,c

35. ଏକ ତରଳ ବସ୍ତୁ ନିମ୍ନରୁ କେଉଁ ଅବସ୍ଥାରେ ଗ୍ୟାସୀୟ ଅବସ୍ଥା ପ୍ରାପ୍ତ ହୋଇପାରିବ ?

(a) ତାହାର ସ୍ଫୁଟନାଙ୍କରେ (b) ତାହାର ସ୍ଫୁଟନାଙ୍କ ଠାରୁ କମ୍ ତାପମାତ୍ରାରେ

(c) ଉଭୟ a) ଓ b) (d) ଅଧିକ ଚାପ ପ୍ରୟୋଗ କଲେ

36. ତୁମ ରୋଷେଇ ଘରେ ଏକ ଲାଲ ସିଲିଣ୍ଡରରେ ରନ୍ଧନପାଇଁ ଗ୍ୟାସ ଅଛି । ଏଥିରେ ମୂଖ୍ୟତଃ ବ୍ୟୁଟେନ୍ ନାମକ ପଦାର୍ଥ ଅଛି ? ସେସମ୍ପର୍କରେ କେଉଁଟି ଠିକ୍ ?

(a) ବ୍ୟୁଟେନ୍ ଗ୍ୟାସ୍ ଅଧିକ ଚାପ ପ୍ରୟୋଗ କରି ତରଳ ଅବସ୍ଥାରେ ରହିଥାଏ (b) ବ୍ୟୁଟେନ୍ ଗ୍ୟାସୀୟ ଅବସ୍ଥାରେ ଥାଏ

(c) ବ୍ୟୁଟେନ୍ ଗ୍ୟାସ୍ କୁ ଥଣ୍ଡା କରାଇ ବାୟୁମଣ୍ଡଳୀୟ ଚାପରେ ତରଳ ଅବସ୍ଥାରେ ରଖାଯାଇଥାଏ

(d) ବ୍ୟୁଟେନ କଠିନ ଅବସ୍ଥାରେ ଥାଏ ଯାହା ବାୟୁମଣ୍ଡଳୀୟ ଚାପରେ ଗ୍ୟାସୀୟ ଅବସ୍ଥା ପ୍ରାପ୍ତ ହୋଇଥାଏ

37. ଭୂତ୍ୱକରେ ଦ୍ୱିତୀୟ ସର୍ବାଧିକ ବହୁଳ ମୌଳିକ କେଉଁଟି ?

(a) ଅମ୍ଳଜାନ (b) ଆଲୁମିନିୟମ୍ (c) ଲୁହା (d) ସିଲିକନ୍

---

**Rough Space**

38. କେଉଁଟି ବିଶୁଦ୍ଧ ପଦାର୍ଥ ନୁହେଁ ?
(a) ଅଙ୍ଗାରକ(କାର୍ବନ) (b) ତମ୍ବା(କପର୍) (c) ଷ୍ଟିଲ୍ (d) ଜଳ

39. ପ୍ରୋଟିୟମ ଓ ଡ଼ିଉଟେରିୟମ୍
(a) ଭିନ୍ନ ମୌଳିକରୁ ସୃଷ୍ଟ ଆଇସୋଟୋପ୍ (b) ଏକ ମୌଳିକ (c) ସେମାନଙ୍କର ବସ୍ତୁତ୍ୱ ସମାନ
(d) ପରମାଣୁ ସଂଖ୍ୟା ଅସମାନ

40. କେଉଁଟିରେ ଏକପରମାଣୁ ବଶିଷ୍ଟ ଅଣୁ ଥାଏ ?
(a) ଯବକ୍ଷାରଜାନ ଗ୍ୟାସ (b) ହିଲିୟମ୍ ଗ୍ୟାସ (c) ଓଜୋନ ଗ୍ୟାସ୍ (d) ହାଇଡ୍ରୋଜେନ ଗ୍ୟାସ୍

41. ରେଶମ ପୋକ କ୍ଷରଣ କରୁଥିବା ତନ୍ତୁ
(a) ଶ୍ୱେତସାର ଯୁକ୍ତ (b) ସ୍ନେହସାର ଯୁକ୍ତ (c) ପୁଷ୍ଟିସାର ଯୁକ୍ତ (d) ତିନୋଟିଯାକ ସଠିକ୍

42. ନିମ୍ନଲିଖିତ କେଉଁ ତନ୍ତୁ ପଶୁଲୋମରୁ ମିଳିଥାଏ ?
(a) ମଠା (b) ଆଙ୍ଗୋରା (c) ଏଣ୍ଡି (d) ପାଟ

43. ଆଲୋକଶ୍ଲେଷଣ ପ୍ରକ୍ରିୟା ନିମନ୍ତେ କେଉଁ ଉକ୍ତିଟି ଠିକ୍ ନୁହେଁ ?
(a) ଫୁଲ ସହାୟତା କରିନଥାଏ (b) ସଂବାହୀ ନଳୀ ସହାୟତା କରିନଥାଏ
(c) ପତ୍ର ସହାୟତା କରିଥାଏ (d) କେବଳ ସ୍ୱପୋଷୀରେ ସମ୍ଭବ ହୋଇଥାଏ

44. ଚର୍ବି କୁ ହଜମ କରାଉଥିବା ପିତ୍ତ□ରସ କେଉଁଠାରେ ପ୍ରସ୍ତୁତ ହୋଇଥାଏ ?
(a) ଖାଦ୍ୟନଳୀ (b) ପାକସ୍ଥଳୀ (c) ଯକୃତ (d) ଗ୍ରହଣୀ

45. ନିମ୍ନଲିଖିତ କେଉଁ ଅଙ୍ଗ ଖାଦ୍ୟ ହଜମରେ ସାହାଯ୍ୟ କରେନାହିଁ ?
(a) ମୁଖ *ଗହ୍ୱର* (b) ପାକସ୍ଥଳୀ (c) କ୍ଷୁଦାନ୍ତ୍ର (d) ବୃହଦନ୍ତ୍ର

46. ଉଦ୍ଭିଦ କେଉଁ ଖାଦ୍ୟ ପ୍ରସ୍ତୁତ ନିମନ୍ତେ ଦରକାରୀ ମୌଳିକ ବାୟୁରୁ ସିଧାସଳଖ ସଂଗ୍ରହ କରିପାରେ ନାହିଁ ?
(a) ଶ୍ୱେତସାର ଜାତୀୟ (b) ସ୍ନେହସାର ଜାତୀୟ (c) ପୁଷ୍ଟିସାର ଜାତୀୟ (d) ଜୀବସାର ଜାତୀୟ

47. ମାଂସପେଶୀୟ କୋଷର ଅବାୟୁ ଶ୍ୱସନରେ ଖାଦ୍ୟରେ ଥିବା ଗ୍ଲୁକୋଜ ବିଘଟିତ ହେଲେ ନିମ୍ନରୁ କେଉଁଟି ସୃଷ୍ଟି ହୋଇଥାଏ ?
(a) ଅଙ୍ଗାରକାମ୍ଳ (b) ସୁରାସାର (c) ଲାକଟିକ ଅମ୍ଳ (d) a,b,c

48. ମଣିଷର ଶ୍ୱସନ ଯେଉଁଭଳି ଫୁସଫୁସ ସାହାଯ୍ୟରେ ହୋଇଥାଏ, ସେହିପରି ଜିଆର ଶ୍ୱସନ କାହା ସାହାଯ୍ୟରେ ହୋଇଥାଏ ?
(a) ଷ୍ଟୋମ୍ (b) ସ୍ପାଇରାକଲ୍ (c) ଗାଲି (d) ଚର୍ମ

49. ପ୍ରଶ୍ୱାସ ନେବାବେଳେ,
(a) ବକ୍ଷାସ୍ଥି ଉପରକୁ ଫୁଲିଉଠେ ଓ ମଧ୍ୟଛଦା ତଳକୁ ଭିଡି ହୋଇଯାଏ
(b) ବକ୍ଷାସ୍ଥି ତଳକୁ ଭିଡି ହୋଇଯାଏ ଓ ମଧ୍ୟଛଦା ଉପରକୁ ଫୁଲିଉଠେ
(c) ବକ୍ଷାସ୍ଥି ତଳକୁ ଭିଡି ହୋଇଯାଏ ଓ ମଧ୍ୟଛଦା ତଳକୁ ଭିଡି ହୋଇଯାଏ
(d) ବକ୍ଷାସ୍ଥି ଉପରକୁ ଫୁଲିଉଠେ ଓ ମଧ୍ୟଛଦା ଉପରକୁ ଫୁଲିଉଠେ

50. ଉଦ୍ଭିଦର ଶ୍ୱସନ ସମ୍ପର୍କରେ ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ?
(a) ଅମ୍ଳଜାନ ବଦଳରେ ଅଙ୍ଗାରକାମ୍ଳ ଆବଶ୍ୟକ (b) କେବଳ ବାୟୁମଣ୍ଡଳର ବାୟୁ ଆବଶ୍ୟକ
(c) ଷ୍ଟୋମ୍ ସାହାଯ୍ୟରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ର ବିନିମୟ ହୋଇଥାଏ (d) a,b,c

51. ପରାଗରେଣୁ କେଉଁଠି ଥାଏ ?
(a) ଫଳିକା ଶୀର୍ଷ (b) ଶଳାକା (c) ଡିମ୍ବାଶୟ (d) ଫୁଂକେଶର ଚକ୍ର

52. ସମାୟନ ପ୍ରକ୍ରିୟାରେ
(a) ଉଦ୍ଭିଦ ଆଲୋକ ଶ୍ଲେଷଣ କରିଥାଏ (b) ଫୁଂଯୁଗ୍ମକ ଓ ସ୍ତ୍ରୀଯୁଗ୍ମକର ମିଳନ ହୋଇଥାଏ
(c) ଇଷ୍ଟ ବଂଶ ବୃଦ୍ଧି କରିଥାଏ (d) ମିଥେନ୍ + କାର୍ବନ୍ ଡ଼ାଇଅକ୍ସାଇଡ୍ ପ୍ରସ୍ତୁତ ହୋଇଥାଏ

---

**Rough Space**

53. ସ୍ୱପରାଗଣରେ,

(a) ଉନ୍ନତ ମାନର ମଞ୍ଜି ସୃଷ୍ଟି ହୁଏ (b) ସୁସ୍ଥସବଳ ଅପତ୍ୟ ଜାତ ହୁଏ

(c) ପରାଗରେଣୁ କମ୍ ନଷ୍ଟ ହୁଏ (d) a,b.c

54. ଆଗ୍ନେୟଶିଳାରୁ ସୃଷ୍ଟି ମାଟି କେଉଁ ଫସଲ ନିମନ୍ତେ ଅଧିକ ଉପଯୋଗୀ ?

(a) ଚିନାବାଦାମ (b) ଧାନ (c) କପା (d) ଗହମ

55. ନିମ୍ନୋକ୍ତ କେଉଁ ଉପାଦାନଟି ମାଟିରେ ଥାଏ ?

(a) ବାଲି (b) କାଦୁଅ (c) ଲବଣ (d) a,b.c

56. କେଉଁ ଉକ୍ତିଟି ଠିକ୍ ?

(a) ମାଛ ଲାଞ୍ଜ କୁ ଆହୁଲା ପରି ବ୍ୟବହାର କରେ (b) ସାପ, ଜିଆ ଓ ଝିଟିପିଟିର ଶୀତସୁପ୍ତି ନାହିଁ

(c) ବେଙ୍ଗ ଚର୍ମ ସହାୟତାରେ ଶ୍ୱସନ କରିପାରେ (d) ଚେରାପୁଞ୍ଜି ଗୋଟିଏ ମରୁ ଅଂଚଳ

57. ଖଜୁରୀ ଗଛ କେଉଁ ଅଂଚଳରେ *ମୁଖ୍ୟତଃ* ଦେଖାଯାଏ ?

(a) ମରୁ ଅଂଚଳ (b) ମେରୁ ଅଂଚଳ (c) ପାର୍ବତ୍ୟ ଅଂଚଳ (d) ସମୁଦ୍ର ଅଂଚଳ

58. କେଉଁ ପକ୍ଷୀ ଉଡିପାରେ ନାହିଁ ?

(a) ପାରା (b) ଘରଚଟିଆ (c) ପେଙ୍ଗୁଇନ୍ (d) ପେଚା

59. ପଦାର୍ଥ ଗ୍ୟାସୀୟ ଅବସ୍ଥାରେ ସର୍ବଦା

(a) ଊର୍ଦ୍ଧ୍ୱଗାମୀ (b) ନିମ୍ନଗାମୀ (c) ଚର୍ତୁଦିଗକୁ ବ୍ୟାପିଯାଏ (d) ଥଣ୍ଡା ରହେ

60. ନିମ୍ନଲିଖିତ କେଉଁ ଉଭିଦ ସ୍ୱଭୋଜୀ ନୁହେଁ ?

(a) ହରଡ (b) ନିର୍ମୁଳି (c) ମନ୍ଦାର (d) ପିଜୁଳି

**Answer to UTSE-2018(VII) OM**

| | | | | | |
|---|---|---|---|---|---|
| 1.d | 2.a | 3.c | 4.d | 5.a | 6.b |
| 7.b | 8.d | 9.d | 10.c | 11.b | 12.b |
| 13. | 14.c | 15.c | 16.b | 17.a | 18.c |
| 19.b | 20.b | 21.a | 22.d | 23.a | 24.c |
| 25.d | 26.d | 27.d | 28.d | 29.a | 30.a |
| 31.d | 32.a | 33.d | 34.b | 35.c | 36.a |
| 37.d | 38.c | 39.b | 40.b | 41.c | 42.b |
| 43.b | 44.c | 45.d | 46.c | 47.c | 48.d |
| 49.a | 50.c | 51.d | 52.b | 53.c | 54.c |
| 55.d | 56.c | 57.a | 58.c | 59.c | 60.b |

---

**Rough Space**